# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 May - 2025

************************************

## ମୁଖ୍ୟ ସମ୍ବାଦ

- ପୋଲାଭରମ ପ୍ରକଳ୍ପ ନେଇ ଆସନ୍ତା ୨୮ ତାରିଖରେ ଚାରୋଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ଦକ୍ଷିଣ ଏସିଆ ଶ୍ରମିକ ସ୍ଥାନାନ୍ତର ସମ୍ମିଳନୀରେ ଯୋଗଦେବା ପାଇଁ ଦୁଇଦିନିଆ ଭୁଟାନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
- ରାଜ୍ୟ ସରକାରଙ୍କର ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗଣଶିକ୍ଷା ବିଭାଗ ପକ୍ଷରୁ ଉପସ୍ଥାପନ କରାଯିବ ରିପୋର୍ଟ କାର୍ଡ

ଏବଂ

- ଶ୍ରୀମନ୍ଦିର ରଥଖଳାରେ ଚକ, ଅଖ ଡେରା ନୀତି ସମ୍ପନ୍ନ;

– ବାହାର ଚନ୍ଦନ ଯାତ୍ରାର ଶେଷ ଦିନରେ ଆଜି ରାତ୍ରିରେ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜୀଉଙ୍କର ଜଳକ୍ରୀଡ଼ା ଓ ଭଉଁରୀ ବିଧି ହେବ ଅନୁଷ୍ଠିତ

***HS***

## ପୋଲାଭରମ ପ୍ରକଳ୍ପ

ପୋଲାଭରମ ପ୍ରକଳ୍ପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖ ଦିନ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏଥିରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେବେ। ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚାରୋଟିଯାକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ବୈଠକ ହେବ। ଏହି ପ୍ରସଙ୍ଗ ନେଇ ଆନ୍ତଃରାଜ୍ୟ ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଛି। ଗଣମାଧ୍ୟମକୁ ସୂଚନା ଦେଇ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହି ବୈଠକରେ ଓଡ଼ିଶା ତାର ନ୍ୟାର୍ଯ୍ୟ, ଦାବି ଉପସ୍ଥାପନ କରିବ। ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବା ନେଇ ଶ୍ରୀ ହରିଚନ୍ଦନ ଆଶାବ୍ୟକ୍ତ କରିଛନ୍ତି।

**- V/O – Harichandan**

***BBSR/R***

## ଉପମୁଖ୍ୟମନ୍ତ୍ରୀଙ୍କ ଭୁଟାନ ଗସ୍ତ

ବିଶ୍ୱବ୍ୟାଙ୍କ ଦ୍ୱାରା ଆସନ୍ତାକାଲି ଓ ୨୧ ତାରିଖ ଦୁଇଦିନ ଧରି ଭୁଟାନର ଥିମ୍ପୁଠାରେ ଦକ୍ଷିଣ ଏସିଆ ଶ୍ରମିକମାନଙ୍କ ସ୍ଥାନାନ୍ତର ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ

କନକ ବର୍ଦ୍ଧନ ସିଂଦେଓ ଭୁଟାନ ଗସ୍ତରେ ଯାଇଛନ୍ତି। ଭାରତ ପକ୍ଷରୁ ଶ୍ରୀ ସିଂହଦେଓ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବେ। ରାଜ୍ୟର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି। ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ଏବଂ ନୀତିନିର୍ଦ୍ଧାରଣ କରିବାରେ ଏହି ସମ୍ମିଳନୀ ବିଶେଷ ସହାୟକ ହେବ। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ରାଷ୍ଟ୍ର, ଫିଲିପାଇନ୍ସ, ପପୁଆ ନ୍ୟୁ ଗିନି, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶ ସମେତ ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଭୂଟାନ ଗସ୍ତରେ ଯାଇଛନ୍ତି।

***HS***

## ବାଂଲାଦେଶୀ ଚିହ୍ନଟ

ଭୁବନେଶ୍ୱରରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। କମିଶନରେଟ୍ ପୁଲିସ ପକ୍ଷରୁ ଏ ନେଇ ସମସ୍ତ ଥାନାକୁ ଅବଗତ କରାଯାଇଛି ବୋଲି ଡିସିପି ଜଗ ମୋହନ ମୀନା କହିଛନ୍ତି। ଭୁବନେଶ୍ୱରଠାରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଥାନା ଅଧିକାରୀମାନଙ୍କ ସହ ଚିହ୍ନଟ ପ୍ରକ୍ରିୟା ନେଇ ବିସ୍ତୃତ ଆଲୋଚନା ହୋଇଛି। ଥାନାଓ୍ୱାରୀ ତଥ୍ୟ ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଭୁବନେଶ୍ୱରକୁ ଆସିବା ଏବଂ ସେମାନଙ୍କର ଗତିବିଧି ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ଥାନା

ଅଧିକାରୀଙ୍କୁ କୁହାଯାଇଛି । ଆବଶ୍ୟକସ୍ଥଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମୀନା କହିଛନ୍ତି ।

***Koraput***

## ମିଲେଟ ମିଶନ

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଗୃହ କମିଟିର ୯ ଜଣିଆ ପ୍ରତିନିଧି ଦଳ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଅଛନ୍ତି । ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ଆଜି ସେମିଳିଗୁଡ଼ାର ଲୁଙ୍ଗୁରି ଗାଁରେ ଥିବା ଏକ ଅଙ୍ଗନବାଡ଼ି କେନ୍ଦ୍ର ମୁଚିଙ୍ଗଗୁଡ଼ାରେ ଥିବା କଫି ଚାରା କାର୍ଯ୍ୟକ୍ରମ ଏବଂ ରାଜପୁତ ଗାଁରେ ଚାଲିଥିବା ମିଲେଟ୍ ମିଶନର ପରିଦର୍ଶନ କରିଛନ୍ତି । ଏହି ସମୟରେ ସେମାନେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କଫି ଚାଷୀ ଏବଂ ବିଭିନ୍ନ ସରକାରୀ ଯୋଜନାର ଲାଭାର୍ଥୀଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ନେଇ କୋରାପୁଟଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ବୈଠକରେ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

***Koraput***

## ଗଣଶିକ୍ଷା ବିଭାଗ ରିପୋର୍ଟ କାର୍ଡ

ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଲକ୍ଷ୍ୟ ନେଇ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଜାତୀୟ ଶିକ୍ଷାନୀତି, ଶିଶୁ ବାଟିକା ଆରମ୍ଭ, ପିଏମ୍‌ଶ୍ରୀ ସ୍କୁଲ, ୧୬ ହଜାର ଶିକ୍ଷକ ନିଯୁକ୍ତି, ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଭଳି ଅନେକ ବ୍ୟବସ୍ଥା ସରକାର ରାଜ୍ୟରେ ଲାଗୁ କରିଛନ୍ତି। ଆହୁରି ୩୦୦ ପିଏମ୍‌ଶ୍ରୀ ସ୍କୁଲ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିପାଳନ ଅବସରରେ ବିଭାଗ ପକ୍ଷରୁ ରିପୋର୍ଟ କାର୍ଡ ଉପସ୍ଥାପନ କରାଯିବ।

**- V/O –**

***Puri***

# ଶ୍ରୀକ୍ଷେତ୍ର ଭଉଁରୀ

ପବିତ୍ର ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ରଥଖଳାରେ ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ନୀତି ଶେଷ ହେବା ପରେ ଘଣ୍ଟ ଛତା ବିଜେ କାହାଳୀ ସହ ପଟୁଆରରେ ଆଜ୍ଞାମାଳ ବିଜେ ହୋଇଥିଲା । ବିଧି ଅନୁଯାୟୀ ଆଜ୍ଞାମାଳକୁ ରଥଖଳାରେ ବିଜେ କରିବା ପାଇଁ ପ୍ରତି ରଥର ଦୁଇଟି ଚକରେ ଡେରାଯାଇଥିବା ଅଖ ଚକରେ ପ୍ରଦାନ କରାଯିବାର ପରମ୍ପରା ସମ୍ପାଦନ କରାଯାଇଛି। ବିଧି ଓ ପରମ୍ପରା ଅନୁଯାୟୀ, ଆଜି ରଥ ନିର୍ମାଣର ଆଉ ଏକ ପର୍ଯ୍ୟାୟ ଶେଷ

ହୋଇଛି । ଶୃଙ୍ଖଳାର ସହ ରଥନିର୍ମାଣ କାର୍ଯ୍ୟ ଜାରି ରହିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି କହିଛନ୍ତି ।

**- V/O -**

ଆଜି ମଧ୍ୟ ବାହାର ଚନ୍ଦନ ଯାତ୍ରାର ଶେଷଦିନ ହୋଇଥିବାରୁ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ରଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେବ ।

**- V/O –**

***Desk***

# ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ସ୍ଥିତ କ୍ୟାପିଟାଲ ନର୍ସରୀ ନିକଟସ୍ଥ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଲୋକମାନଙ୍କର ଅଭିଯୋଗର ଶୁଣାଣି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟମାନେ ଲୋକଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି। ଆଜିର ଶୁଣାଣି ପାଇଁ ଏକହଜାର ଲୋକ ଆଗରୁ ପଞ୍ଜିକରଣ ହୋଇଥିଲା। ନୂଆ ଅଭିଯୋଗ ପ୍ରକୋଷ୍ଠରେ ଏକ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

*Nuapada/Gajapati/Rayagada/*

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି।

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୧୬ଟି ଅଭିଯୋଗର ଶୁଣାଣି ହୋଇଛି।

ଗଜପତି ଜିଲ୍ଲା ଅନ୍ତରଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪୬ଟି ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ଚାରୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ସମିତି ସଭାଗୃହଠାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୫୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗକୁ ଅଭିଯୋଗ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

*Malkangiri*

# ମାଲକାନଗିରି- ଅଜଣା ରୋଗ

ମାଲକାନଗିରି ଜିଲ୍ଲାର ପଡ଼ିଆ ବ୍ଲକ ସଦର ମହକୁମାରେ ଗତ ଏକ ମାସ ମଧ୍ୟରେ ଅଜଣା ରୋଗରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ରୋଗୀଙ୍କୁ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରୋଗର କାରଣ ସମ୍ପର୍କରେ ଅନୁଧ୍ୟାନ ଏବଂ ସ୍ଥିତି ନେଇ ସମୀକ୍ଷା କରିବା ଲକ୍ଷ୍ୟ ନେଇ ମାଲକାନଗିରି ଜିଲ୍ଲା ସଦର ମହକୁମାରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେହି ସ୍ଥାନକୁ ଗସ୍ତରେ ଯାଇଛନ୍ତି। ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଦଳ ମଧ୍ୟ ସେହି ଅଞ୍ଚଳରେ ପହଁଞ୍ଚି ଆବଶ୍ୟକୀୟ ଚିକିତ୍ସା ପ୍ରଦାନ ବ୍ୟବସ୍ଥା କରୁଛନ୍ତି। ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାସ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକସ୍ଥଳେ ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ରୋଗୀଙ୍କଠାରେ ହାତଗୋଡ଼ ଫୁଲିବା ସହ ଗଣ୍ଠିବ୍ୟଥା ଓ ଜ୍ୱର ହେଉଥିବା ଲକ୍ଷଣ ପରିଲକ୍ଷିତ ହେଉଛି।